بسم الله الرحمن الرحيم

**ଖୁତବା ଜୁମା ୧୩ ନଭେମ୍ବର ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

***ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବୀ ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ଉମ୍ରୋ ର.ଅ ଓ ହଜ୍‌ରତ ଅବୁ ଦୁଜାନା ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।***

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ : ବଦରୀ ସାହାବାଙ୍କ ଜୀବନୀ ଚର୍ଚ୍ଚାରେ ହଜ଼ରତ ଅବ୍‌ଦୁଲ୍ଲାଃ ବିନ୍ ଉମ୍ରୋ ର.ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା, ଆଜି ତାହାର ଅବଶିଷ୍ଟାଂଶ ଉପସ୍ଥାପନ କରୁଛି । ହଜ଼ରତ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି ଯେ, ୱହୋଦ୍ ଯୁଦ୍ଧ ଦିନ ମୋର ପିତା ନବୀ କରୀମ୍ ସ.ଅଙ୍କ ନିକଟକୁ ଏହି ଅବସ୍ଥାରେ ଅଣାଗଲା ଯେ, ତାଙ୍କ ଶରୀରର ଅଙ୍ଗ ପ୍ରତ୍ୟଙ୍ଗକୁ ବିକୃତ କରି ଦିଆଯାଇଥିଲା । ବିଶେଷ କରି ତାଙ୍କର କାନ ଓ ନାକକୁ ବିକୃତ କରି ଦିଆଯାଇଥିଲା । ଯେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ଉମ୍ରୋ ର.ଅଙ୍କ ପାର୍ଥିବ ଶରୀରକୁ ଆଁହଜ଼ରତ ସ.ଅଙ୍କ ସମ୍ମୁଖରେ ରଖାଗଲା ସେତେବେଳେ ମୁଁ ତାଙ୍କର କପଡ଼ା ଉଠାଇବାକୁ ଚେଷ୍ଟା କଲି ତ' ଲୋକମାନେ ମୋତେ ଏପରି କରିବାକୁ ବାରଣ କଲେ । ଏହାପରେ ଲୋକମାନେ ଏକ ମହିଳାର ଚିତ୍କାର ଶବ୍ଦ ଶୁଣିଲେ । ତେବେ ସେମାନଙ୍କ ମଧ୍ୟରୁ କେହି ଜଣେ କହିଲା ଯେ, ସେ ହେଉଛନ୍ତି ହଜ଼ରତ ଅବ୍‌ଦୁଲ୍ଲାଃ ବିନ୍ ଉମ୍ରୋ ର.ଅଙ୍କ ସୁପୁତ୍ରୀ ଯାହାଙ୍କ ନାମ ହଜ଼ରତ ଫାତିମା ବିନ୍‌ତ୍ ଉମ୍ରୋ ଥିଲା । ଅନ୍ୟ ଏକ ବର୍ଣ୍ଣନାରେ ଏହା କୁହଯାଇଛି ଯେ, ସେହି ଚିତ୍କାର ଶବ୍ଦଟି ହଜ଼ରତ ଅବ୍‌ଦୁଲ୍ଲାଃ ବିନ୍ ଉମ୍ରୋ ର.ଅଙ୍କ ଭଉଣୀଙ୍କର ଥିଲା । ପ୍ରତ୍ୟୁତ୍ତରରେ ହୁଜୁର ସ.ଅ କହିଲେ କାନ୍ଦ ନାହିଁ ଝିଅ ! କାରଣ ଈଶ୍ୱରଦୂତ ଅହରହ ଉକ୍ତ ମୃତ ବ୍ୟକ୍ତି ଉପରେ ନିଜର ପର ଦ୍ୱାରା ଛାୟୀ କରିଛନ୍ତି ।

ହୁଜୁର ଅନୱର ଅ.ବ କହିଲେ : ୱହୋଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିବା ସାହାବାଙ୍କ ସଂପର୍କରେ ଭିନ୍ନ ମତାମତ ରହିଛି । ସହି ବୁଖାରୀର ବର୍ଣ୍ଣନାରେ ହଜ଼ରତ ଜାବିର୍ ବିନ୍ ଅବଦୁଲ୍ଲାଃ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ଅବ୍‌ଦୁଲ୍ଲାଃ ବିନ୍ ଉମ୍ରୋ ର.ଅଙ୍କୁ ନା ସ୍ନାନ ଦିଆଯାଇ ଥିଲା ଓ ନାଁ ହିଁ ତାଙ୍କର ନମାଜ୍ ଯନାଜ଼ାଃ ପଢା ଯାଇଥିଲା । ସହି ବୁଖାରୀର ଅନ୍ୟ ଏକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ଆଁହଜ଼ରତ ସ.ଅ ୱହୋଦ୍‌ର ବୀରଗତି ପ୍ରାପ୍ତକାରୀଙ୍କର ନମାଜ୍ ଯନାଜ଼ାଃ ଦୀର୍ଘ ୮ ବର୍ଷ ପରେ ପଢିଥିଲେ । ସୁନନ୍ ଇବ୍‌ନେ ମାଜାରେ ଉଲ୍ଲେଖ ଅଛି ଯେ, ଆଁହଜ଼ରତ ସ.ଅ ୧୦/୧୦ ଜଣ ବୀରଗତି ପ୍ରାପ୍ତକାରୀଙ୍କର ନମାଜ୍ ଯନାଜ଼ାଃ ପଢିଥିଲେ ଏବଂ ହଜ଼ରତ ହମ୍‌ଜ଼ାଙ୍କ ପାର୍ଥିବ ଶରୀର ଆଁହଜ଼ରତ ସ.ଅଙ୍କ ପାଖରେ ହିଁ ଉପସ୍ଥିତ ରହିଥିଲା । ଏହାର ଅପର ପକ୍ଷରେ ଅନ୍ୟ ବୀରଗତି ପ୍ରାପ୍ତକାରୀଙ୍କର ପାର୍ଥିବ ଶରୀରକୁ ଅନ୍ୟତ୍ର ନିଆଯାଇଥିଲା । ସୁନନ୍ ଅବୁ ଦାଉଦ୍‌ରେ ବର୍ଣ୍ଣିତ ଅଛି ଯେ, ହଜ଼ରତ ହମ୍‌ଜ଼ା ର.ଅଙ୍କୁ ତାଙ୍କର ପରିହିତ ରକ୍ତାକ୍ତ ବସ୍ତ୍ର ଏବଂ କ୍ଷତାକ୍ତ ଅବସ୍ଥାରେ କବର ଦିଆଯାଇଥିଲା ଏବଂ ସେମାନଙ୍କ ମଧ୍ୟରୁ କାହାର ବି ନମାଜ଼ ଯନାଜ଼ାଃ ପଢାଯାଇ ନଥିଲା । ସିରତ୍ ଖାତମୁନ୍ ନବୀୟିନ୍‌ରେ ହଜ଼ରତ ମିର୍ଜ଼ା ବଶୀର୍ ଅହେମଦ ଏମ.ଏ ସାହେବ ଉଲ୍ଲେଖ କରନ୍ତି ଯେ, ୱହୋଦ୍ ଯୁଦ୍ଧର ଶୁହଦାଙ୍କ ନମାଜ଼ ଯନାଜ଼ାଃ ସେତେବେଳେ ହୋଇ ନଥିଲା । ହଁ ଆଁହଜ଼ରତ ସ.ଅଙ୍କ ବିୟୋଗର ନିକଟବର୍ତ୍ତୀ ସମୟରେ ବିଶେଷ କରି ୱହୋଦ୍‌ରେ ବୀରଗତି ପ୍ରାପ୍ତ କରିଥିବା ସାହାବାଙ୍କର ନମାଜ୍ ଯନାଜ଼ାଃ ପଢା ଯାଇଥିଲା ।

ହଜ଼ରତ ଜାବିର୍ ବିନ୍ ଅବ୍ଦୁଲ୍ଲାଃ ବର୍ଣ୍ଣନା କରନ୍ତି ଯେ, ମୁଁ ନିଜ ପିତା ପାଇଁ ଓହୋଦ୍ ଯୁଦ୍ଧର ୬ ମାସ ପରେ କବର ପ୍ରସ୍ତୁତ କରିଥିଲି ଏବଂ ଉକ୍ତ କବରରେ ତାଙ୍କୁ ସ୍ଥାନାନ୍ତରିତ କରିଦେଲି । ଯେତେବେଳେ ମୁଁ ତାଙ୍କୁ କବର ଦେଲି ସେତେବେଳେ ମୋତେ ତାଙ୍କ ଶରୀରରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହୋଇ ନଥିଲା । ପୁନଶ୍ଚ ସେ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଆଁହଜ଼ରତ ସ.ଅ ମୋତେ ଭେଟିଲେ ସେତେବେଳେ ମୋତେ କହିଲେ ହେ ଜାବିର୍ ! ତୁମର କ'ଣ ହୋଇଛି ? ତୁମେ ବେଶ୍ ଦୁଃଖିତ ଜଣାପଡୁଛ । ମୁଁ ଉତ୍ତର ଦେଲି ଯେ, ହେ ଅଲ୍ଲାଃଙ୍କ ରସୁଲ ମୋର ପିତା ଓହୋଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଛନ୍ତି ଏବଂ ସେ ନିଜ ପଛରେ ଋଣ ଭାର ଓ (କୁନି କୁନି) ସନ୍ତାନ ଛାଡ଼ି ଯାଇଛନ୍ତି । ଆଁହଜ଼ରତ ସ.ଅ କହିଲେ କ'ଣ ମୁଁ ତୁମକୁ ଏପରି ଶୁଭ ବାର୍ତ୍ତା ଦେବି ନାହିଁ ଯାହା ତୁମ ପ୍ରସନ୍ନତାର କାରଣ ହେବ ? ମୁଁ କହିଲି ନିଶ୍ଚୟ ହେ ଅଲ୍ଲାଃଙ୍କ ରୁସଲ ସ.ଅ କୁହନ୍ତୁ ! ଆଁହଜ଼ରତ ସ.ଅ କହିଲେ ଅଲ୍ଲାଃତାଲା କାହାରି ସହିତ କଥା ହେଲେ ନାହିଁ କିନ୍ତୁ ପରଦାର ଆଢୁ ଆଳରେ ରହି କଥା ହେଲେ । କିନ୍ତୁ ଅଲ୍ଲାଃତାଲା ତୁମର ପିତାଙ୍କୁ ଜୀବିତ କଲେ ଏବଂ ତାଙ୍କ ସହ ମୁହାଁମୁହିଁ କଥା ହେଲେ କି ହେ ମୋର ଭକ୍ତ ! ତୁମେ ମୋତେ ବର ମାଗ ମୁଁ ତୁମକୁ ପ୍ରଦାନ କରିବି । ସେ କହିଲେ ଯେ, ହେ ମୋରେ ଈଶ୍ୱର ମୋତେ ପୁନଃ ଜୀବନ ଦାନ କରିଦିଅ, ଅର୍ଥାତ ସଂସାରକୁ ଫେରାଇ ଦିଅ । କାରଣ ମୁଁ ତୁମ ମାର୍ଗରେ ଆଉଥରେ ନିହତ ହୋଇ ବୀରଗତି ପ୍ରାପ୍ତି କରିବାକୁ ଚାହେଁ । ପ୍ରତ୍ୟୁତ୍ତରରେ ଅଲ୍ଲାଃତାଲା କହିଲେ ଯେ, "ମୋର ଏହି ବିଧାନ ରହିଛି ଯେ, ଯିଏ ଥରେ ଇହଧାମ ତ୍ୟାଗ କରେ ସେ ଆଉ ସଂସାରକୁ ଫେରିବେ ନାହିଁ ।" ହଜ଼ରତ ଅବ୍ଦୁଲ୍ଲାଃ ବିନ୍ ଉମ୍ରୋ କହିଲେ ଯେ, ହେ ମୋର ପ୍ରଭୁ ! ମୋର ପଛରେ ଥିବା ବ୍ୟକ୍ତିମାନଙ୍କ ପର୍ଯ୍ୟନ୍ତ ମୋର ଏହି ସନ୍ଦେଶ ପହଞ୍ଚାଇ ଦିଅନ୍ତୁ । ସୁତରାଂ ଉକ୍ତ ଅବସରରେ ଐଶ୍ୱର୍ଯ୍ୟମୟ ପ୍ରଭୁ ନିମ୍ନ ଆୟତ ଅବତୀର୍ଣ୍ଣ କଲେ ଯେ,

وَلَا تَحْسَبَنَّ الَّذِيْنَ قُتِلُوْا فِيْ سَبِيْلِ اللّٰهِ اَمْوَاتًا ؕ بَلْ اَحْيَآءٌ عِنْدَ رَبِّهِمْ يُرْزَقُوْنَ *ଅର୍ଥାତ ଯେଉଁମାନେ ଅଲ୍ଲାଃଙ୍କ ପଥରେ ନିହତ ହୋଇଛନ୍ତି ତୁମେ ସେମାନଙ୍କୁ କଦାପି ମୃତ ବୋଲି ମନେକର ନାହିଁ ବରଂ ସେମାନେ ନିଜ ପାଳନକର୍ତ୍ତାଙ୍କ ସମୀପରେ ଜୀବିତ ଅଛନ୍ତି ଓ ସେମାନଙ୍କୁ ଜୀବିକା ପ୍ରଦାନ କରାଯାଇଛି ।*

ହୁଜୁର ଅନୱର ଅ.ବ କହିଲେ ପରବର୍ତ୍ତୀ ସାହାବି ଯାହାଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହଜ଼ରତ ଅବୁ ଦୁଜାନା ର.ଅ । ତାଙ୍କର ସଂପର୍କ ଅନସାର୍ ସଂପ୍ରଦାୟର ଖଜ଼ରଜ ଗୋଷ୍ଠୀର ବନୁ ସାଆଦାହ୍ ଶାଖା ସହିତ ଥିଲା । ହଜ଼ରତ ଅବୁ ଦୁଜାନା ବଦର୍, ଓହୋଦ୍ ଯୁଦ୍ଧ ବ୍ୟତୀତ ଅନ୍ୟ ସମସ୍ତ ଯୁଦ୍ଧରେ ଆଁହଜ଼ରତ ସ.ଅଙ୍କ ସହିତ ସାମିଲ୍ ଥିଲେ । ହଜ଼ରତ ଅବୁ ଦୁଜାନା ଅନ୍‌ସାର୍ ସଂପ୍ରଦାୟର ବଡ଼ ବଡ଼ ସାହାବାଙ୍କ ମଧ୍ୟରେ ପରିଗଣିତ ହେଉଥିଲେ ଏବଂ ତାଙ୍କୁ ଆଁହଜ଼ରତ ସ.ଅଙ୍କ ଯୁଦ୍ଧରେ ଅଗ୍ରଣୀ ଭୂମିକା ନିର୍ବାହ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ଯୁଦ୍ଧ ସମୟରେ ହଜ଼ରତ ଅବୁ ଦୁଜାନା ଅତ୍ୟନ୍ତ ସାହାସିକତା ଏବଂ ବୀରତ୍ୱର ସହ ଶତ୍ରୁର ମୁକାବିଲା କରୁଥିଲେ ଏବଂ ସେ ଜଣେ ଦକ୍ଷ ଅଶ୍ୱାରୋହୀ ମଧ୍ୟ ଥିଲେ । ତାଙ୍କ ପାଖରେ  ନାଲି ରଙ୍ଗର ଏକ ରୁମାଲ୍ ଥିଲା ଯାହାକୁ ସେ କେବଳ ଯୁଦ୍ଧ ସମୟରେ ହିଁ ବାନ୍ଧୁ ଥିଲେ । ଯେତେବେଳେ ସେ ନାଲି ରଙ୍ଗର ରୁମାଲ୍ ମୁଣ୍ଡରେ ବାନ୍ଧୁଥିଲେ ସେତେବେଳେ ଲୋକମାନେ ଜାଣି ପାରୁଥିଲେ ଯେ, ବର୍ତ୍ତମାନ ସେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଗଲେ । ହଜ଼ରତ ଅବୁ ଦୁଜାନା ର.ଅ ଅତ୍ୟନ୍ତ ବୀର ଏବଂ ସାହାସି ଲୋକମାନଙ୍କ ଶ୍ରେଣୀରେ ଅନ୍ତର୍ଭୁକ୍ତ ଥିଲେ । ମୁହମ୍ମଦ୍ ବିନ୍ ଇବ୍ରାହିମ୍ ନିଜର ପିତାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ଅବୁ ଦୁଜାନା ଯୁଦ୍ଧ ସମୟରେ ନିଜର ନାଲି ରଙ୍ଗର ପଗଡ଼ି ଯୋଗୁଁ ଚିହ୍ନା ପଡ଼ି ଯାଉଥିଲେ ଏବଂ ବଦର୍ ଯୁଦ୍ଧ ଅବସରରେ ମଧ୍ୟ ଉକ୍ତ ପଗଡ଼ିଟି ତାଙ୍କ ମୁଣ୍ଡରେ ରହିଥିଲା । ମୁହମ୍ମଦ ବିନ୍ ଉମର୍ କହନ୍ତି ଯେ, ହଜ଼ରତ୍ ଅବୁ ଦୁଜାନା ର.ଅ ଏହିପରି ଭାବରେ ଓହୋଦ୍ ଯୁଦ୍ଧରେ ମଧ୍ୟ ସାମିଲ୍ ହୋଇଥିଲେ ଏବଂ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଅବିଚଳତା ପ୍ରଦର୍ଶନ କରିଥିଲେ ଏବଂ ମୃତ୍ୟୁ ସମୟରେ ଆଁହଜ଼ରତ ସ.ଅଙ୍କ ହସ୍ତରେ

ବୈଅତ୍ କରିଥିଲେ । ଓହୋଦ୍ ଯୁଦ୍ଧ ଦିନ ହଜ଼ରତ୍ ଅବୁ ଦୁଜାନା ଓ ହଜ଼ରତ ମୁସ୍‌ଅବ୍ ବିନ୍ ଉମୈର୍ ର.ଅ ଆଁହଜ଼ରତ ସ.ଅଙ୍କୁ ଭରପୁର ସୁରକ୍ଷା ପ୍ରଦାନ କରିଥିଲେ । ହଜ଼ରତ ଅବୁ ଦୁଜାନା ର.ଅଙ୍କୁ ଗମ୍ଭୀର ରୂପେ ଆଘାତ ଲାଗିଥିଲା ଏବଂ ସେଦିନ ହଜ଼ରତ ମୁସ୍‌ଅବ୍ ବିନ୍ ଉମୈର୍ ର.ଅ ବୀରଗତି ପ୍ରାପ୍ତ କରିଥିଲେ ।

ହଜ଼ରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜ଼ରତ ସ.ଅ ଓହୋଦ୍ ଯୁଦ୍ଧ ଦିନ ଏକ ଖଡ଼୍‌ଗ ଧରି କହିଲେ مَنۡ يَّأۡخُذُ هٰذَا السَّيۡفَ بِحَقِّهٖ مِنِّيۡ ଅର୍ଥାତ କିଏ ଉକ୍ତ ଖଡ଼୍‌ଗକୁ ତାହାର ପ୍ରକୃତ କର୍ତ୍ତବ୍ୟ ସହ ଗ୍ରହଣ କରିବ? ସମସ୍ତେ ନିଜ ହାତ ଆଗକୁ ବଢାଇଲେ ଏବଂ ତନ୍ମଧ୍ୟରୁ ପ୍ରତ୍ୟେକ ସାହାବାମାନେ କହିଲେ ମୁଁ ମୁଁ । ଆଁହଜ଼ରତ ସ.ଅ କହିଲେ فَمَنۡ يَّأۡخُذُهٗ بِحَقِّهٖ କିଏ ଉକ୍ତ ଖଡ଼୍‌ଗକୁ ତାହାର ପ୍ରକୃତ କର୍ତ୍ତବ୍ୟ ସହ ଗ୍ରହଣ କରିବ ? ଏହା ଶୁଣି ଲୋକମାନେ ଯେତେବେଳେ ଅଟକିଗଲେ ସେତେବେଳେ ଅବୁ ଦୁଜାନା ର.ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ମୁଁ ଉକ୍ତ ଖଡ଼୍‌ଗର ପ୍ରକୃତ କର୍ତ୍ତବ୍ୟ ସମ୍ପାଦନ କରିବି ।

ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହଜ଼ରତ ଅବୁ ଦୁଜାନା ର.ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଉକ୍ତ ଖଡ଼୍‌ଗର ପ୍ରକୃତ କର୍ତ୍ତବ୍ୟ କ'ଣ ? ଆଁହଜ଼ରତ ସ.ଅ ଏହାର ପ୍ରକୃତ ଅଧିକାର ପ୍ରତି ସଚେତନ କରାଇ ଅବୁ ଦୁଜାନାଙ୍କୁ କହିଲେ ଯେ, ଉକ୍ତ ଖଡ଼୍‌ଗର ଅଧିକାର ହେଉଛି ତୁମେ ଉକ୍ତ ଖଡ଼୍‌ଗରେ କୌଣସି ମୁସଲମାନକୁ ହତ୍ୟା କରିବ ନାହିଁ ଏବଂ ଉକ୍ତ ଖଡ଼୍‌ଗ ଥାଉ ଥାଉ ତୁମେ କୌଣସି ଅବିଶ୍ୱାସକାରୀ ନିକଟରୁ ପଳାୟନ କରିବ ନାହିଁ ବରଂ ଦୃଢତାର ସହ ତାହାର ମୁକାବିଲା କରିବ । ହଜ଼ରତ ଜୁବୈର୍ ର.ଅ କହନ୍ତି ଯେ, ଏହାପରେ ରସୁଲୁଲ୍ଲାଃ ସ.ଅ ଖଡ଼୍‌ଗ ହଜ଼ରତ ଅବୁ ଦୁଜାନାଙ୍କୁ ପ୍ରଦାନ କଲେ । ଖଡ଼୍‌ଗକୁ ଧରିବା ପରେ ହଜ଼ରତ ଅବୁ ଦୁଜାନାଙ୍କର ଏହି ଅବସ୍ଥା ହୋଇଥିଲା ଯେ, ସେ ଉକ୍ତ ଖଡ଼୍‌ଗ ସାହାଯ୍ୟରେ ଅବିଶ୍ୱାସକାରୀଙ୍କର ସ୍କନ୍ଧଚ୍ୟୁତ କରିଥିଲେ ।

ହୁଜ଼ୁର ଅନଓ୍ୱର୍ ଅ.ବ କହିଲେ: ହଜ଼ରତ ଖଲିଫତୁଲ୍ ମସିହ୍ ସାନି ର.ଅ ଉକ୍ତ ଘଟଣାକୁ ଏପରି ବର୍ଣ୍ଣନା କରିଛନ୍ତି ଯେ,  ଓହୋଦ୍ ଯୁଦ୍ଧରେ ଆଁହଜ଼ରତ ସ.ଅ ଏକ ଖଡ଼୍‌ଗ ଉପସ୍ଥାପିତ କଲେ ଏବଂ କହିଲେ ମୁଁ ଏହି ଖଡ଼୍‌ଗଟି ସେହି ବ୍ୟକ୍ତିକୁ ପ୍ରଦାନ କରିବି ଯିଏ ଉକ୍ତ ଖଡ଼୍‌ଗର କର୍ତ୍ତବ୍ୟ ସମ୍ପାଦନ କରିବାର ମୋତେ ପ୍ରତିଶୃତି ଦେବ । ସୁତରାଂ ଉକ୍ତ ଖଡ଼୍‌ଟିକୁ ନେବା ପାଇଁ ଅନେକ ଲୋକମାନେ ଛିଡ଼ା ହେଲେ କିନ୍ତୁ ଆଁହଜ଼ରତ ସ.ଅ ଅବୁ ଦୁଜାନା ନାମକ ଜଣେ ଅନ୍‌ସାରୀ ବ୍ୟକ୍ତିକୁ ତାହା ପ୍ରଦାନ କରିଥିଲେ । ଯୁଦ୍ଧରେ ଏକ ସ୍ଥଳରେ ମକ୍କାବାସୀ କିଛି ସିପାହୀମାନଙ୍କୁ ଧରି ଅବୁ ଦୁଜାନାଙ୍କ ଉପରକୁ ଆକ୍ରମଣ କରିଲେ । ସୁତରାଂ ଯେତେବେଳେ ସେ ଶତ୍ରୁମାନଙ୍କ ସହିତ ଯୁଦ୍ଧ ଲଢୁଥିଲେ ସେତେବେଳେ ସେ ଦେଖିଲେ ଯେ, ଜଣେ ସିପାହୀ ସବୁଠୁ ଅଧିକ ଉତ୍ସାହର ସହିତ ଯୁଦ୍ଧ ଲଢୁଛନ୍ତି । ସୁତରାଂ ଅବୁ ଦୁଜାନା ର.ଅ ଖଡ଼୍‌ଗ ଧରିଲେ ଏବଂ ତା' ଆଡ଼କୁ ଦ୍ରୁତ ବେଗରେ ଗଲେ, କିନ୍ତୁ ସେ ତାହାକୁ ଛାଡ଼ି ଫେରି ଆସିଲେ । ହଜ଼ରତ ଅବୁ ଦୁଜାନାଙ୍କ ଜଣେ ବନ୍ଧୁ ତାଙ୍କୁ ପଚାରିଲେ ଆପଣ ଉକ୍ତ ବ୍ୟକ୍ତିକୁ କାହିଁକି ଛାଡ଼ିଦେଲେ ? ସେ ଉତ୍ତର ଦେଲେ ଯେ, ମୁଁ ଯେତେବେଳେ ତା ନିକଟକୁ ଗଲି ସେତେବେଳେ ସେ ନିଜ ତୁଣ୍ଡରୁ ଏଭଳି ଏକ ବାକ୍ୟ କହିଲା ଯଦ୍ୱାରା ମୁଁ ଜାଣି ପାରିଲି ଯେ, ସେହି ଯୁଦ୍ଧ କରୁଥିବା ବ୍ୟକ୍ତିଟି ପୁରୁଷ ନୁହେଁ ବରଂ ମହିଳା ଅଟେ । ତାଙ୍କ ବନ୍ଧୁ କହିଲେ ସେ ଯାହା ହେଉ ନା କାହିଁକି ଉକ୍ତ ମହିଳା ସିପାହୀଙ୍କ ପରି ଲଢୁଥିଲା । ଆପଣ ତାକୁ ଛାଡ଼ିଦେଲେ, ନିହତ କାହିଁ କଲେ ନାହିଁ ? ସେ ଉତ୍ତର ଦେଲେ ମୋ ଅନ୍ତର ଆତ୍ମା ଏ କଥାକୁ ପସନ୍ଦ କଲା ନାହିଁ ଯେ, ମୁଁ ରସୁଲ୍ କରୀମ୍ ସ.ଅଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଖଡ଼୍‌ଗକୁ ଏକ ନିରୀହ ଅବଳା ନାରୀ ଉପରେ ପ୍ରୟୋଗ କରିବି । ଅତଃ ହଜ଼ରତ ମୁସଲେହ୍ ମଉଦ୍ ର.ଅ କହନ୍ତି ଯେ, ଆଁହଜ଼ରତ ସ.ଅ ନାରୀମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ପାଇଁ ସର୍ବଦା ଉପଦେଶ ଦେଉଥିଲେ, ଯଦ୍ୱାରା ଅବିଶ୍ୱାକାରୀଙ୍କ ମହିଳାମାନେ ଅତ୍ୟନ୍ତ ସାହସିକତାର ସହିତ ମୁସଲମାନମାନଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଉଦ୍ୟମ କରୁଥିଲେ । କିନ୍ତୁ ଏହା ସତ୍ତ୍ୱେ ବି ମୁସଲମାନମାନେ ସେସବୁ ସହ୍ୟ କରି ଚାଲିଥିଲେ ।

ଜୈଦ୍ ବିନ୍ ଅସଲମ୍ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ହଜ଼ରତ ଅବୁ ଦୁଜାନାଙ୍କ ନିକଟକୁ ଲୋକମାନେ ଆସିଲେ ସେତେବେଳେ ସେ ଅସୁସ୍ଥ ଥିଲେ । କିନ୍ତୁ ତାଙ୍କର ମୁଖମଣ୍ଡଳ ଅତ୍ୟନ୍ତ ଚମକୁ ଥିଲା । କେହି ଜଣେ ପାଚାରିଲା ଯେ, ଆପଣଙ୍କ ଚେହେରା ଆଜି କାହିଁକି ଚମକୁଛି ? ତେବେ ହଜ଼ରତ ଅବୁ ଦୁଜାନା ର.ଅ କହିଲେ ମୋର କର୍ମ ମଧ୍ୟରୁ ଦୁଇଟି ଏଭଳି କର୍ମ ଅଛି ଯାହା ମୋ ନିକଟରେ ଅତ୍ୟନ୍ତ ଓଜନିଆ  ଏବଂ ସ୍ୱୀକାର ଯୋଗ୍ୟ ମନେ ହେଉଛି। **ପ୍ରଥମତଃ** ଏହା ଯେ, ମୁଁ ଆଦୌ ଭିତ୍ତିହୀନ କଥା କହୁ ନାହିଁ ଯାହାର ମୋ ସହିତ ସଂପର୍କ ଥିବ । **ଦ୍ୱିତୀୟତଃ** ଏହା ଯେ, ମୋ ହୃଦୟ ମୁସଲମାନମାନଙ୍କ ପାଇଁ ସର୍ବଦା ପରିଷ୍କାର ଅଟେ । ହଜ଼ରତ ଅବୁ ଦୁଜାନା ର.ଅ ୟମାମା ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । ଆଁହଜ଼ରତ ସ.ଅଙ୍କ ବିୟୋଗ ପରେ ମୁସୈଲମା ବିନ୍ କଜ଼ାବ୍ ନାମି ଏକ ଭଣ୍ଡ ଓ କପଟବିଶ୍ୱାସୀ ଯେତେବେଳେ ନବୁୱତ୍ର ଦାବି କରି ମଦିନା ଉପରେ ସୈନ୍ୟ ଚଢାଉ କରିଥିଲା ସେତେବେଳେ ହଜ଼ରତ ଅବୁ ବକ୍କର ର.ଅ ତାକୁ ଦମନ୍ କରିବାକୁ ଯାଇ ୧୨ହିଜରୀରେ ଏକ ସୈନ୍ୟଦଳ ଗଠନ କରି ପ୍ରେରଣ କରିଥିଲେ । ହଜ଼ରତ ଅବୁ ଦୁଜାନା ର.ଅ ମଧ୍ୟ ଉକ୍ତ ସୈନ୍ୟଦଳରେ ସାମିଲ୍ ଥିଲେ । ହଜ଼ରତ ଅବୁ ଦୁଜାନା ର.ଅ ୟମାମା ଯୁଦ୍ଧରେ ଘମାସାନ ଯୁଦ୍ଧ ଲଢି ପରିଶେଷରେ ବୀରଗତି ପ୍ରାପ୍ତ କରିଥିଲେ ।

ଖୁତ୍ବାର ଶେଷ ପର୍ଯ୍ୟାୟରେ ହୁଜୁର ଅନୱର ଅ.ବ କହିଲେ ବର୍ତ୍ତମାନ ମୁଁ କେତେକ ମୃତକଙ୍କ ସଂପର୍କରେ ଚର୍ଚ୍ଚା କରିବି । ତନ୍ମଧ୍ୟରେ ଜଣେ ଶହୀଦ୍ ମଧ୍ୟ ରହିଛନ୍ତି ଯାହାଙ୍କୁ ବିଗତ ଦିନ ଅକାରଣରେ ଶହୀଦ କରି ଦିଆଗଲା । ସୁତରାଂ ଉକ୍ତ ଶହୀଦ୍ ଜଣକ ହେଉଛନ୍ତି ସମ୍ମାନନୀୟ ସ୍ୱର୍ଗତ ମହବୁବ୍ ଖାନ୍ ସାହେବ ଇବ୍ନ୍ ସୟଦ୍ ଜଲାଲ୍ ସାହେବ, ପେଶାୱର୍ । ମେହବୁବ୍ ଖାନ୍ ସାହେବଙ୍କୁ ବିରୋଧୀମାନେ ଚଳିତ ନଭେମ୍ବର ମାସ ୮ ତାରିଖ ଦିନ ସକାଳ ପ୍ରାୟ ୮ ଘଟିକା ସମୟରେ ମୁହମ୍ମଦ୍ ଗାଁ ପେଶାୱର୍ ଠାରେ ଗୁଳି କରି ଶହୀଦ୍ କରିଦେଲେ । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍** । ଦ୍ୱିତୀୟ ଯନାଜ଼ାଃ ହେଉଛି ପାକିସ୍ତାନର ଜଣେ ମୁବଲ୍ଲିଗ୍ ସାହେବ ସ୍ୱର୍ଗତ ଫଖର୍ ଅହେମଦ୍ ସାହେବଙ୍କ, ନଭେମ୍ବର ୧ ତାରିଖ ଦିନ ପ୍ରାୟ ସନ୍ଧ୍ୟା ୫.୪୫ ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ତାଙ୍କର ଅକାଳ ବିୟୋଗ ଘଟିଥିଲା । ଦୁର୍ଘଟଣା ସମୟରେ ସେ ନିଜର ସୁପୁତ୍ର ଏହତେଶାମ୍ ଅବ୍ଦୁଲ୍ଲାଃ ସାହେବ ସହିତ ଅହେମଦ ନଗରରୁ ଆସୁଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ବାଟରେ ତାଙ୍କର ଦୁର୍ଘଟଣା ହୋଇଥିଲା । ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା କି ଘଟଣା ସ୍ଥଳରେ ହିଁ ବାପା ପୁଅଙ୍କର ମୃତ୍ୟୁ ଘଟିଥିଲା । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍** । ଅଲ୍ଲାଃତାଲାଙ୍କ କୃପାରୁ ପ୍ରିୟ ଏହତେଶାମ୍ ୱକ୍ଫେ ନଅର ପିବିତ୍ର ଆହ୍ୱାନରେ ସାମିଲ ଥିଲେ । ତୃତୀୟ ଯନାଜ଼ାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ଡ଼କ୍ଟର ଅବ୍ଦୁଲ୍ କରୀମ୍ ସାହେବ, ପିତା- ଅବ୍ଦୁଲ୍ ଲତିଫ୍ ସାହେବ ଅଫ୍ ରବ୍ୱାଙ୍କର । ଯିଏକି ଷ୍ଟେଟ୍ ବ୍ୟାଙ୍କ ଅଫ୍ ପାକିସ୍ତାନର ଅବସରପ୍ରାପ୍ତ ଅର୍ଥନୀତିକ ଉପଦେଷ୍ଟା ଥିଲେ । ସେପ୍ଟେମ୍ବର ମାସ ୧୪ ତାରିଖ ଦିନ ୯୨ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଥିଲା । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍** । ହୁଜୁରେ ଅନୱର ଅ.ବ ମୃତକଙ୍କ ପ୍ରଶଂସନୀୟ ଗୁଣାବଳୀର ଚର୍ଚ୍ଚା କଲେ ଏବଂ ସେମାନଙ୍କ ଆତ୍ମାର ସଦ୍ଗତି ନିମନ୍ତେ ତଥା ବୈକୁଣ୍ଠରେ ସେମାନହଙ୍କ ସ୍ତର ଉନ୍ନିତ ହେବା ନିମନ୍ତେ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କଲେ । ମୃତକଙ୍କ ସନ୍ତାନ ସନ୍ତତିଙ୍କୁ ମଧ୍ୟ ତାଙ୍କର ପୁଣ୍ୟାବଳୀଗୁଡ଼ିକୁ ଅବ୍ୟାହତ ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

.........................

KHULASA KHUTBA JUMA HUZOOR ANWAR a.b.a
13th Nov. 2020